ଉଇକିପିଡ଼ିଆ

ଏକ ଖୋଲା ଜ୍ଞାନକୋଷ

# ଓଡ଼ିଆ ଉଇକିପିଡ଼ିଆରେ ଲିଖନ ଓ ସମ୍ପାଦନା

# ନିୟମାବଳୀ

ଆମ ରାଜ୍ୟ, ଦେଶ, ଇତିହାସ, ସଂସ୍କୃତି, ପର୍ବପର୍ବାଣୀ, ସିନେମା, ଜଣାଶୁଣା ବ୍ୟକ୍ତିବିଶେଷ, ପର୍ଯ୍ୟଟନ ଓ ଆହୁରି ଅନେକ ବିଷୟରେ ଇଣ୍ଟରନେଟରେ ଓଡ଼ିଆରେ ବିଶେଷ କିଛି ଲେଖା ନାହିଁ ।

ଭାବନ୍ତୁ ତ, ଲେଖାସବୁ ଥିଲେ ଇଣ୍ଟରନେଟରେ ସମୟ କାଟୁଥିବା ଲୋକେ କେତେ କଣ ଜାଣିପାରନ୍ତେ, ତା' ବି ଆମ ଭାଷାରେ ।

ଏସବୁ ବିଷୟରେ ପ୍ରସଙ୍ଗସବୁ ଲେଖିବା ପାଇଁ ଏ ଉଇକିପିଡ଼ିଆ ଅଭିଯାନର ଆରମ୍ଭ । ଏହା ଏକ ଜ୍ଞାନକୋଷ ବା ଏନସାଇକ୍ଲୋପିଡ଼ିଆ । ଓଡ଼ିଆ ସମେତ ଆହୁରି ୨୮୭ଟି ଭାଷାରେ ଏହା ଉପଲବ୍ଧ ।

ଆସନ୍ତୁ ନା଼ଁ, ଆପଣ ବି ଏଥିରେ ସାମିଲ ହୋଇ ନିଜ ପସନ୍ଦର ବିଷୟରେ ପ୍ରସଙ୍ଗଟିଏ ଲେଖିପାରିବେ ।

## କଣ ଲେଖିବେ ନାହିଁ

ଉପାଧୀ

~~ସାର~~ / ~~ଡ.~~ / ~~ଶ୍ରୀଯୁକ୍ତ~~
~~ପଣ୍ଡିତ~~ ନୀଳକଣ୍ଠ ଦାସ
~~ଶ୍ରୀମତୀ~~ ନନ୍ଦିନୀ ଶତପଥୀ

ବିଶେଷଣ

ଅକ୍ଷୟ ମହାନ୍ତି ଜଣେ ~~ମହାନ~~ ଓଡ଼ିଆ କଳାକାର ଥିଲେ

କେଉଁ ବିଷୟରେ ଲେଖିବେ ନାହିଁ

ଗପ
କବିତା
ନିଜ ବିଷୟରେ
ସୃଜନାତ୍ମକ
ନିଜ ମତ
ସାହିତ୍ୟର ପୁଟ

~~ଭୁଲ ଲେଖା~~ଟିଏ

କୋଣାର୍କ ସୂର୍ଯ୍ୟ ମନ୍ଦିର ଭାରତ ଅନ୍ତର୍ଗତ ଓଡ଼ିଶାର ପୁରୀ ଜିଲ୍ଲାରେ ଥିବା ଏକ ~~ଅତୀବ ମନରୋମ~~ ମନ୍ଦିର । କୋଣାର୍କ ସହରରେ ଅବସ୍ଥିତ ଏହି ~~ମନୋଜ୍ଞ~~ ମନ୍ଦିର ହେଉଛି ସ୍ଥାପତ୍ୟ, ବୈଷୟିକ, ଜ୍ଞାନ, ଶିଳ୍ପକଳା ଓ ସର୍ବୋପରି ଗୋଟିଏ ~~ଉଚ୍ଚ ଜୀବନାଦର୍ଶର~~ ~~ଅପୂର୍ବ~~ ସମନ୍ୱୟ । ଏପରି ସୃଷ୍ଟି ଖାଲି ଓଡ଼ିଶାରେ ନୁହେଁ, ସାରା ବିଶ୍ୱରେ ସମ୍ଭବ ହୋଇ ପାରିନାହିଁ ।

## କଣ ଲେଖିବେ

ଜଣା ନାମ / କେବଳ ନାମ

ପଠାଣି ସାମନ୍ତ
ନୀଳକଣ୍ଠ ଦାସ
ନନ୍ଦିନୀ ଶତପଥୀ

ଅକ୍ଷୟ ମହାନ୍ତି ଜଣେ ଓଡ଼ିଆ କଳାକାର ଥିଲେ


କେଉଁ ବିଷୟରେ ଲେଖିବେ

ରାଜ୍ୟ ଓ ଦେଶ
ଇତିହାସ ଓ ସଂସ୍କୃତି
ପର୍ବପର୍ବାଣୀ
ସିନେମା
ଜଣାଶୁଣା ବ୍ୟକ୍ତିବିଶେଷ
ପର୍ଯ୍ୟଟନ

ଏକ ଠିକ ଲେଖା

କୋଣାର୍କ ସୂର୍ଯ୍ୟ ମନ୍ଦିର ୧୩ଶ ଶତାବ୍ଦରେ ନିର୍ମିତ ଭାରତୀୟ ରାଜ୍ୟ ଓଡ଼ିଶାର ପୁରୀ ଜିଲ୍ଲାରେ ଥିବା କୋଣାର୍କ ସହରରେ ଅବସ୍ଥିତ ଏକ ସୂର୍ଯ୍ୟ ମନ୍ଦିର (କୃଷ୍ଣ ପାଗୋଡ଼ା ନାମରେ ମଧ୍ୟ ଜଣା) । ପ୍ରାୟ ୧୨୫୦ ଖ୍ରୀଷ୍ଟାବ୍ଦରେ ଉତ୍କଳର ଗଙ୍ଗବଂଶୀୟ ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ଏହି ମନ୍ଦିର ନିର୍ମିତ ବୋଲି ଜଣାଯାଏ ।

# ଓଡ଼ିଆ ଉଇକିପିଡ଼ିଆରେ ଲେଖିବେ କିପରି





ଖାତାଟିଏ ଖୋଲନ୍ତୁ ଲଗ-ଇନ

ଲେଖିବା ଆଗରୁ ନୂଆ ଖାତାଟିଏ ତିଆରି କରନ୍ତୁ ବା ଆଗରୁ ତିଆରି କରିଥିଲେ ଲଗ ଇନ କରନ୍ତୁ
ଲଗ ଇନ କରି ଓଡ଼ିଆରେ ଟାଇପିଂ ସକ୍ରିୟ କରାନ୍ତୁ ୧

ଆଗରୁ Inscript ବା Phonetic ଟାଇପିଂ ଜାଣିଥିଲେ ତାହା ବାଛନ୍ତୁ, ନହେଲେ "ଲେଖନୀ" ବାଛନ୍ତୁ ୨

କେଉଁ ଓଡ଼ିଆ ଅକ୍ଷର ପାଇଁ କେଉଁ ଇଂରାଜୀ key ଟାଇପ କରିବେ ?ରେ କ୍ଲିକ କରି ଦେଖନ୍ତୁ ୩





ସର୍ଚ୍ଚ ବାରରେ ଟାଇପ କଲେ ଓଡ଼ିଆରେ ଟାଇପ ହେବ । ସମ୍ଭାବିତ ପ୍ରସଙ୍ଗ ଭିତରୁ ଗୋଟେ ବାଛନ୍ତୁ । ଖୋଲିଲା ପରେ [ସମ୍ପାଦନା] ରେ କ୍ଲିକ କରି ପ୍ରସଙ୍ଗଟି ସମ୍ପାଦନା କରିପାରିବେ । ସମ୍ପାଦନା ପାଇଁ ଏକ ଛୋଟ ଉଇଣ୍ଡୋ ତଳେ ଖୋଲିବ । ୪




ପ୍ରସଙ୍ଗଟି ଆଗରୁ ନଥିଲେ ଟାଇପ କରି ସର୍ଚ୍ଚ କରନ୍ତୁ, ନାଲି ଲିଙ୍କଟିଏ ଆସିବ । ସେଥିରେ କ୍ଲିକ କରି ନୂଆ ପ୍ରସଙ୍ଗ ତିଆରି କରନ୍ତୁ । ୫

ଏହି ପ୍ରସଙ୍ଗଟି ଆଗରୁ ନାହିଁ, ତେଣୁ "*ଓଡ଼ିଶାର ଆଦିବାସୀ ଜନଜାତି*" ନାମରେ ପ୍ରସଙ୍ଗଟିଏ ଏଠାରେ ଗଢ଼ନ୍ତୁ !


ପ୍ରଥମ ପାରାଗ୍ରାଫରେ ପ୍ରସଙ୍ଗ ବାବଦରେ ସଂକ୍ଷେପରେ ଲେଖନ୍ତୁ । ଆଗରୁ ଥିବା ପ୍ରସଙ୍ଗରେ କିଛି ଭୁଲ ଥିଲେ ସୁଧାରନ୍ତୁ । ୬




କିପରି ବହି, ଖବରକାଗଜ ଓ ପତ୍ରିକାର ଆଧାରରେ ଲେଖିବେ ତାହା ପର ପୃଷ୍ଠାରେ ଦେଖନ୍ତୁ ।


# ଆଧାର ଦେଇ ଲେଖାକୁ କିପରି ବିଶ୍ୱସନୀୟ କରିବେ


ବହି, ଖବରକାଗଜ ଓ ପତ୍ରିକା ଆଧାରରେ ଲେଖିପାରିବେ । କିନ୍ତୁ, ଲେଖା ସିଧା କପି କରନ୍ତୁ ନାହିଁ, ସେଥିରୁ ତଥ୍ୟ ନେଇ ନିଜ ଭାଷାରେ ଲେଖନ୍ତୁ । ଯେଉଁଠି ଦେବେ ସେ ବାକ୍ୟ ଶେଷରେ କ୍ଲିକ କରନ୍ତୁ ୧




ଆଧାର ଦେବା ପାଇଁ Cite ରେ କ୍ଲିକ କରି ସଠିକ ବିକଳ୍ପଟିଏ ବାଛନ୍ତୁ । ତଥ୍ୟ ଦେବା ପାଇଁ ଏହା ଏକ ଫର୍ମ ଖୋଲିବ । ଏହି ଘରେ ତଥ୍ୟ ଭରି Insertରେ କ୍ଲିକ କରନ୍ତୁ । ୨

ପାରାଗାଫର ଶେଷରେ ତଳେ ଥିବା ଲେଖା ଦିଅନ୍ତୁ ।




ଦେଖଣାରେ କ୍ଲିକ କରି ଲେଖାଟି ସାଇତାଗଲେ କିପରି ଦେଖାଯିବ ତାହା ମଧ୍ୟ ଦେଖିପାରିବେ ୩

"ସାଇତିବେ"ରେ କ୍ଲିକ କରି ଲେଖାଟି ସାଇତିପାରିବେ ।

## ଆଉ ଅଧିକ ତଥ୍ୟ ଯୋଡ଼ିବେ ?

ସାଇତିଲା ପରେ ଆଉ ଅଧିକ କିଛି ଯୋଡ଼ିବା ପାଇଁ ଆଗପରି [ସମ୍ପାଦନା] ରେ କ୍ଲିକ କରି ଲେଖାରେ ବଦଳ କରିପାରିବେ । ଯଦି ଆପଣ ପରେ କେବେ ଆଜି ଲେଖିଥିବା ଲେଖାଟିକୁ ଆଉଥରେ ସମ୍ପାଦନା କରିବା ପାଇଁ ଚାହାଁନ୍ତି, ତାହେଲେ ସର୍ଚ୍ଚ ବକ୍ସରେ ଖୋଜି ପାଇପାରିବେ । ୪

ଉଇକିପିଡ଼ିଆରେ ଲେଖିବାକୁ ଚାହାଁନ୍ତି ? ଆମ ସହ ଯୋଗଦିଅନ୍ତୁ।

ଲେଖିବା ବେଳେ କିଛି ଅସୁବିଧାରେ ପଡ଼ିଲେ ଆମକୁ ପଚାରିବା ପାଇଁ ଉଇକିପିଡ଼ିଆର ଉପରେ ଥିବା ସହାୟତା ପଟିରେ କ୍ଲିକ କର ପଚାରିପାରିବେ । (ଉପର ଛବି ଦେଖନ୍ତୁ)
ସମସ୍ତ ପୃଷ୍ଠାର ଉପରିଭାଗରେ ମଝି ଅଂଶରେ ଏହି ପଟିଟି ରହିଛି ।

ଓଡ଼ିଆରେ ଟାଇପିଂ କରିବା ବାବଦରେ ଅଧିକ ସୂଚନା ପର ପୃଷ୍ଠାରେ ଦିଆଯାଇଛି


# ଓଡ଼ିଆରେ ଟାଇପ କିପରି କରିବେ

ଆଗରୁ ପୃଷ୍ଠା ୨ ରେ ଦେଖିଥିଲେ ଓଡ଼ିଆରେ କିପରି ଟାଇପ କରିବେ । ଓଡ଼ିଆରେ ଟାଇପ କରିବା ପାଇଁ ଏହି ସବୁ ଇନପୁଟ ବିଧି ରହିଛି:

- ଇନସ୍କ୍ରିପ୍ଟ
- ଇନସ୍କ୍ରିପ୍ଟ2
- ଟ୍ରାନ୍ସଲିଟରେସନ
- ଲେଖନୀ
- ଫୋନେଟିକ

## ନସ୍କ୍ରିପ୍ଟ ଓ ଇନସ୍କ୍ରିପ୍ଟ2

ଇନସ୍କ୍ରିପ୍ଟ ଓ ଇନସ୍କ୍ରିପ୍ଟ 2 ଉଭୟ ପାଖାପାଖି ଏକା । ଇନସ୍କ୍ରିପ୍ଟ ଏକ ବିଶ୍ୱସ୍ତରୀୟ ମାନକ । ତଳେ ଏହାର କିବୋର୍ଡ଼ ସଜ୍ଜୀକରଣ ଦେଖନ୍ତୁ ।





## ାନ୍ସଲଟିରେସନ

ଟ୍ରାନ୍ସଲିଟରେସନ ଏକ ମାନକ ଇନପୁଟ ବିଧି । ଏକ ଅକ୍ଷରର ଉଚ୍ଚାରଣ ଯେଉଁପରି ହୋଇଥାଏ ସେହିପରି ଇଂରାଜୀ ଅକ୍ଷର ବ୍ୟବହାର କରି ଏଥିରେ ଲେଖାଯାଇଥାଏ । ଏହା ଗୋଟିଏ ଭାଷାର ଲିପିରୁ ଆଉ ଏକ ଭାଷାର ଲିପିକୁ ମଧ୍ୟ ରୂପାନ୍ତର କରିବା ପାଇଁ ବ୍ୟବହାର କରାଯାଇପାରେ । ତଳେ ବୁଝିବା ପାଇଁ କିଛି ଉଦାହରଣ ଦିଆଗଲା:

| | | | |
|---|---|---|---|
| kaarYya | କାର୍ଯ୍ୟ | sampuurNNa | ସମ୍ପୂର୍ଣ୍ଣ |
| candraSekhara | ଚନ୍ଦ୍ରଶେଖର | praakRtika | ପ୍ରାକୃତିକ |

# “ଲେଖନୀ” ଇନପୁଟ ବିଧି

ଓଡ଼ିଆରେ ଟାଇପ କରିବା ପାଇଁ ବିଭିନ୍ନ ଇନପୁଟ ବିଧି ଉଇକିପାଠାଗାରରେ ରହିଛି । ଆଗ ପୃଷ୍ଠାରେ ଓଡ଼ିଆରେ ଟାଇପ କରିବା ବାବଦରେ ପଢ଼ିଥିବେ । ତେବେ ଆପଣଙ୍କ କମ୍ପୁଟର କିବୋର୍ଡ଼ର କେଉଁ କି ଦବାଇଲେ କେଉଁ ଓଡ଼ିଆ ଅକ୍ଷର ମିଳିବ ତାହା ତଳେ ଦେଖନ୍ତୁ ।




ଯୁକ୍ତାକ୍ଷର:

| | | | | | | | | |
|---|---|---|---|---|---|---|---|---|
| କ୍କ kk | କ୍ତ kzt | କ୍ୱ kw | କ୍ଲ kzL | କ୍ଷ୍ଣ xzN | କ୍ଷ୍ମ xzm | କ୍ସ kzs | ଗ୍ଦ gzd | ଗ୍ଧ gzdh |
| ଗ୍ନ gzn | ଙ୍ଖ nkh | ଙ୍ଗ ng | ଚ୍ଚ cc | ଚ୍ଛ cch | ଜ୍ଜ jj | ଜ୍ଜ୍ୱ jjw | ଜ୍ଝ jjh | ଜ୍ଞ Z |
| ଞ୍ଚ nc | ଞ୍ଛ nch | ଞ୍ଜ nj | ଞ୍ଝ njh | ଟ୍ଟ TT | ଡ୍ଗ Dzg | ଡ୍ଡ DD | ଣ୍ଟ NT | ନ୍ତ nzt |
| ଣ୍ଠ NTh | ଣ୍ଡ ND | ଣ୍ଢ NDh | ଣ୍ଣ NzN | ତ୍କ tzk | ତ୍ତ tt | ତ୍ଥ tth | ତ୍ନ tzn | ତ୍ପ tzp |
| ତ୍ମ tzm | ତ୍ମ୍ୟ tzmy | ତ୍ସ tzs | ତ୍ସ୍ନ tzszn | ତ୍ସ୍ୟ tzsy | ଦ୍ଗ gzg | ଦ୍ଘ dzgh | ଦ୍ଦ dd | ଦ୍ଧ ddh |
| ଦ୍ଧ୍ୱ ddhw | ଦ୍ୱ dw | ଦ୍ଭ dzbh | ଧ୍ୟ dhy | ନ୍ତ୍ର ntzr | ନ୍ତ୍ୱ nwtw | ନ୍ଥ nzth | ନ୍ଦ nd | ନ୍ଧ ndh |
| ନ୍ଧ୍ୟ ndhy | ନ୍ନ nzn | ପ୍ତ pzt | ପ୍ପ pp | ପ୍ଲ pzL | ପ୍ସ pzs | ବ୍ଜ bzj | ବ୍ଦ bzd | ବ୍ଧ bzdh |
| ମ୍ପ mp | ମ୍ଫ mph | ମ୍ବ mb | ମ୍ଭ mbh | ମ୍ମ mm | ଲ୍କ Lzk | ଲ୍ଭ Lzbh | ଲ୍ଲ LzL | ଲ୍ପ Lzp |
| ଳ୍ଳ ll | ଶ୍ଚ Szc | ଶ୍ଲ SzL | ଶ୍ଛ Szch | ଷ୍କ shzk | ଷ୍ଣ hzN | ଷ୍ଠshzTh | ଷ୍ଟ୍ର shzTzr | |
| ଷ୍କ୍ର shzkzr | ଷ୍ପ shzp | ସ୍କ szk | ସ୍ତ szt | ସ୍ତ୍ର sztzr | ସ୍ଥ szth | ସ୍ଥ୍ୟ szthy | ସ୍ନ szn | ସ୍ମ szm |
| ହ୍ନ hn | ହ୍ମ hm | ହ୍ଲ hzl | ଙ୍କ୍ଷ NGzx | ତ୍ମ୍ୟ tzmy | ନ୍ଦ୍ୱ ndw | ଲ୍କ lzk | ଲ୍ଗ lzg | ଚଙ୍ଗ cNg |

ଶ୍ରେୟ:
Designed by Subhashish Panigrahi, Centre for Internet and Society. Released under CC-by-SA 4.0.
CC-by 3.0 icons from The Noun Project: No by P.J. Onori; Cursor by Benni;
Twitter by aguycalledgary; Like by John Caserta; Book by P.J. Onori; Link by Stefan Brechbühl; Photo by Simple Icons.
Magnifying Glass by Dima Kolchan (Public Domain).
CC0 1.0 icons from Wikimedia Commons: WMF-Agora-Input settings-000000.svg by User:Pginer-WMF (CC0 1.0); F icon.svg Facebook, Inc.; Twitter icon.svg by en:User:GageSkidmore, modified by User:Psubhashish